**ସଂକ୍ଷେପରେ**

## ଚିଙ୍ଗୁଡ଼ିଘେରିରେ ଶ୍ରମିକଙ୍କ ମୃତ୍ୟୁ

ଗୋପାଳପୁର,୧୫।୪(ଡି.ଏନ.ଏ.): ଗୋଳନ୍ଥରା ଥାନା ଅନ୍ତର୍ଗତ ପାରାପେଣ୍ଠ ମେଣ୍ଡରାଜପୁର ରାସ୍ତାରେ ଥିବା ଏକ ବେଆଇନ ଚିଙ୍ଗୁଡ଼ିଘେରିରେ ଶ୍ରମିକ ଭାବେ କାମ କରୁଥିବା ଜଣେ ଯୁବକଙ୍କ ଶୁକ୍ରବାର ବିଦ୍ୟୁତ୍ ସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ଶ୍ରୀକାକୁଲମ ଜିଲା ଗରା ଥାନା ଅନ୍ତର୍ଗତ ଆରସାୱାଲୀ ଗ୍ରାମର ଜି. ଶିବା (୨୦)। ଉକ୍ତ ବେଆଇନ ଚିଙ୍ଗୁଡ଼ି ଘେରିରେ ଦୀର୍ଘ ବର୍ଷ ହେଲା ଶିବା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଶୁକ୍ରବାର ସାଢେ ୧୦ ଟାରେ ସେଠାରେ ସଂଯୋଗ କରାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆଘାତ ଲାଗିଥିଲା। ସେଠାରେ ଉପସ୍ଥିତ ଥିବା କିଛି ଶ୍ରମିକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନା ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିବାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଗୋଳନ୍ଥରା ଥାନାରେ ମୃତକଙ୍କ ମା ଆରାସି ତାଲ୍ଲୀ ଅଭିଯୋଗ କରିବା ପରେ ପୋଲିସ ନଂ ୨୦୦/୨୩ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପଟେ ଚିକିଟି ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଶହ ଶହ ବେଆଇନ ଚିଙ୍ଗୁଡ଼ିଘେରି ଆକୁଆ କଲଚର ଅଥରଟି ଅଫ ଇଣ୍ଡିଆର ବିନା ଅନୁମତିରେ ଚାଲୁଥିବା ବେଳେ ପାଖରେ ଥିବା ଚାଷ ଜମି ଲୁଣିପାଣି ଦ୍ୱାରା ପ୍ରଭାବିତ ହୋଇ ଚାଷ ନଷ୍ଟ ହେବା ସହ ସରକାରୀ ଜମିକୁ ମାଫିଆମାନେ ଡ୍ରେନ କରୁଥିବା ବେଳେ ଜିଲା ପ୍ରଶାସନ କିପରି କାର୍ଯ୍ୟାଷ୍ଠାନ ଗ୍ରହଣ କରୁନି ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ. ଡମ୍ବରୁ ରେଡ୍ଡୀ ପ୍ରଶ୍ନ କରିବା ସହ ବେଆଇନ ଚିଙ୍ଗୁଡ଼ି ଘେରି ଉପରେ କାର୍ଯାନୁଷ୍ଠାନ ପାଇଁ ରେଡ୍ଡୀ ଦାବି କରିଛନ୍ତି।

## ମନ୍ଦିରକୁ ୧ଲକ୍ଷ ଦାନ

ପାରଳାଖେମୁଣ୍ଡି,୧୫।୪(ଡି.ଏନ୍.ଏ.): ପାରଳାଖେମୁଣ୍ଡିଠାରେ ଚାଲିଥିବା ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟରେ ଜଣେ ଜଗନ୍ନାଥପ୍ରେମୀ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ମନ୍ଦିର ନିର୍ମାଣ କାର୍ଯ୍ୟ ଲାଗି ବ୍ୟବହୃତ ବିଭିନ୍ନ କାମରେ ନିୟୋଜିତ ଶ୍ରମିକଙ୍କ ପାରିଶ୍ରମିକ ଆଦି ପାଇଁ ଲୋକେ ଯାହାର ଯେତିକି ସାମର୍ଥ୍ୟ ଅନୁସାରେ ସ୍ୱଇଚ୍ଛାରେ ପ୍ରଦାନ କରିଥିବା ବେଳେ ଭକ୍ତ ବିରଞ୍ଚିନାରାୟଣ ରଥ ୧ଲକ୍ଷ ଟଙ୍କାର ଏକ ଚେକ୍ ଜଗନ୍ନାଥ ସେବା ଦଳର ଦୁର୍ଗାମାଧବ ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ସଭ୍ୟମାନଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ରଥ ଏହି ଚେକ୍ ପ୍ରଦାନ ବେଳେ ତାଙ୍କର ପରିବାରବର୍ଗ ମଧ ଉପସ୍ଥିତ ଥିଲେ।

## ୧୧୯ ଓକିଲ ମତଦାନ କଲେ

ଆସିକା,୧୫।୪(ଡି.ଏନ.ଏ.): ରାଜ୍ୟ ଓକିଲ ସଂଘ ଲାଗି ଶନିବାର ହୋଇଥିବା ନିର୍ବାଚନରେ ଆସିକା ଓକିଲ ସଂଘର ସଦସ୍ୟମାନେ ସେମାନଙ୍କ ମତସାବ୍ୟସ୍ତ କରିଥିବା ଜଣାଯାଇଛି । ଆସିକା ଓକିଲ ସଂଘର ୧୪୨ଜଣ ସଦସ୍ୟଙ୍କ ମଧ୍ୟରୁ ୧୧୯ଜଣ ମତଦାନ କରିଥିବା ଓକିଲ ସଂଘ ସଭାପତି ରବୀନ୍ଦ୍ରନାଥ ଶର୍ମା ସୂଚନା ଦେଇଛନ୍ତି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା ନିର୍ବାଚନ ଅଧିକାରୀ ଭାବେ ଏହି ନିର୍ବାଚନ ପରିଚାଳନା କରିଥିଲେ।

# ତଳେ ପଡ଼ିଥିବା ବିଦ୍ୟୁତ୍ ତାର ଲାଗି ବୃଦ୍ଧାଙ୍କ ମୃତ୍ୟୁ

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**



କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

ଭଞ୍ଜନଗର,୧୫।୪(ଡି.ଏନ୍.ଏ.) ଟାଟାପାୱାର କର୍ମଚାରୀଙ୍କ ଅବହେଳା ଯୋଗୁ ଶନିବାର ତଳେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଘଟିଛି ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ଼ ଗ୍ରାମରେ। ମୃତ ମହିଳା ହେଲେ ପାଲୁଣି ନାୟକ (୬୫)। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରି ଲୋକେ ଭଞ୍ଜନଗର-ଫୁଲବାଣୀ ରାସ୍ତା ଅବରୋଧ କରିଥିଲେ। ପୋଲିସ ଏବଂ ଟାଟା ପାୱାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଭଞ୍ଜନଗର ପୋଲିସ ଏକ ମାମଲା ରୁଜୁକରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ଭଞ୍ଜନଗର ଅଞ୍ଚଳରେ ଝଡ଼ତୋଫାନ ସହ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ମୁଜାଗଡ଼ ଗାନ୍ଧୀନଗର ଏଲ୍‌ଟି ଲାଇନ ତାର ତଳେ ଛିଣ୍ଡି ପଡ଼ିଥିଲା। ଗ୍ରାମବାସୀ ବିଭାଗୀୟ କର୍ମଚାରୀଙ୍କୁ ଜଣାଇଥିଲେ। କିନ୍ତୁ କର୍ମଚାରୀମାନେ ଖାମଖିଆଲ ମନୋଭାବ ରଖି ମରାମତି ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଶନିବାର ସକାଳେ ପାଲୁଣି ଘର ନିକଟରେ ଥିବା ଟ୍ୟୁବ୍‌ୱେଲକୁ ପାଣି ଆଣିବାକୁ ଯାଇଥିଲେ। ତଳେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଏକଲବ୍ୟ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ଦାବି

ବାଲିଗୁଡ଼ା,୧୫।୪(ଡି.ଏନ୍.ଏ.)

କନ୍ଧମାଳ ଜିଲା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ୮ଟି ଏକଲବ୍ୟ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ଦେବା ପାଇଁ କେନ୍ଦ୍ର ଅନୁସୂଚିତ ଜନଜାତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନିକଟରେ ଦାବି କରିଛନ୍ତି ବାଲିଗୁଡ଼ା ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ। ଜିଲାରେ ୮ଟି ସ୍ଥାନରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତୁମୁଡ଼ିବନ୍ଧ ବ୍ଲକର ଏକଲବ୍ୟ ଆବାସିକ ବିଦ୍ୟାଳୟଟି ଭିତ୍ତିପ୍ରସ୍ତର ଦିଆଯାଇଥିବା ବେଳେ କୋଟଗଡ, କ.ନୂଆଗାଁ ବ୍ଲକର ସାରଙ୍ଗଗଡ, ଜି.ଉଦୟଗିରି, ଦାରିଙ୍ଗବାଡି, ରାଇକିଆ, ଟିକାବାଲି ଓ ଫୁଲବାଣୀ ଏହି ୭ଟି ଖୁବଶୀଘ୍ର ଭିତ୍ତିପ୍ରସ୍ତର କରି କାର୍ଯ୍ୟ ଆରମ୍ଭ କରିବା ପାଇଁ ବାଲିଗୁଡ଼ା ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ ନୂଆଦିଲ୍ଲୀ ଯାଇ କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କ ନିକଟରେ ଦାବି କରିଛନ୍ତି। ମନ୍ତ୍ରୀ ଟୁଡୁ ଚଳିତ ମାସ ଶେଷ ସପ୍ତାହରେ କନ୍ଧମାଳ ଗସ୍ତ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇଥିବା ଉକ୍ତ ଏକଲବ୍ୟ ଆବାସିକ ବିଦ୍ୟାଳୟର ଭୂମି ପୂଜନ କାର୍ଯ୍ୟ ଓ ଭିତ୍ତିପ୍ରସ୍ତର ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ ପ୍ରକାଶ କରିଛନ୍ତି।



ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି ପୂର୍ବତନ ବିଧାୟକ।

# ନୋଳିଆନୂଆଗାଁରେ ସ୍ୱାସ୍ଥ୍ୟମେଳା

ଛତ୍ରପୁର,୧୫।୪(ଡି.ଏନ.ଏ.) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଦ୍ୱାରା ଜାତୀୟ ସ୍ୱାସ୍ଥ୍ୟ ମିଶନର ଆୟୁଷ୍ମାନ ଭାରତ ଯୋଜନା ଅନୁଯାୟୀ ନୋଳିଆନୂଆଁଗାଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଡା. ସୋମ୍ୟାକାନ୍ତ ମହାପାତ୍ର ଓ ଡା. ତପସ୍ୱିନୀ ପାତ୍ରଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ମେଳା ଆୟୋଜନ ହୋଇଥିଲା। ୧୦୯ ଜଣଙ୍କୁ ଉକ୍ତ ଶିବିରରେ ପଞ୍ଜୀକୃତ କରାଯାଇଥିଲା। ପଞ୍ଜୀକରଣ, ଔଷଧ ବିତରଣ, ନିଦାନ, ଟିକାକରଣ, ଯୋଗ ଶିବିର, ଯକ୍ଷ୍ମା ଓ କୁଷ୍ଠ ଉପରେ ସଚେତନତା, ଅଣସଂକ୍ରମଣ ରୋଗ ସର୍ବେକ୍ଷଣ, ଆଭା ଆଇ.ଡି ପଞ୍ଜୀକରଣ, ଇ. ସଞ୍ଜୀବନୀ ଓ ପରିବାର କଲ୍ୟାଣ ନିୟୋଜନ ସହ ଆଇଇସି ଭଳି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ସଞ୍ଜୟ ସ୍ୱାଇଁ, ରଞ୍ଜନ ରାଉଳ, ବଙ୍କିମ ଚନ୍ଦ୍ର ମିଶ୍ର, ପିଙ୍କି ସାହୁ, କାମିନୀ ବେହେରା, ଟି. ପଦ୍ମଜା, ତାରା ପଣ୍ଡା, ସିପ୍ରାଲିନ ଦାସ, ସ୍ୱାଗତିକା ମାଝୀ, ସୂର୍ଯ୍ୟ କୁମାରୀ ଦେବୀ, ଜ୍ୟୋତ୍ସ୍ନାରାଣୀ ବେହେରା, ଜ୍ୟୋତିମାଳା ସାହୁଙ୍କ ସହ ଯୋଗଗୁରୁ ଲିପକ ସାହୁ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବରୁଣ କୁମାର ପାଣିଗ୍ରାହୀ, ସୀମାଞ୍ଚଳ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ବେହେରା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିଥିଲେ। ଦୀର୍ଘ ୨ ବର୍ଷ ହେଲା କାୟାକଳ୍ପରେ ପୁରସ୍କୃତ ଏହି ଆରୋଗ୍ୟ କେନ୍ଦ୍ରରେ ଏହା ପ୍ରଥମ ସ୍ୱାସ୍ଥ୍ୟ ଶିବିର ଆୟୋଜନରେ ଜନସାଧାରଣ ଉତ୍ସାହିତ ସହ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।



ସ୍ୱାସ୍ଥ୍ୟମେଳାକୁ ଆସିଥିବା ରୋଗୀମାନଙ୍କ ପରୀକ୍ଷା କରାଯାଉଛି।

# ଏନ୍ଏସିର ପାର୍କ ଘରୋଇକରଣ ହେବ

ଆସିକା,୧୫।୪(ଡି.ଏନ.ଏ.)

ଆସିକା ଏନ୍ଏସିର ଆୟ ବୃଦ୍ଧି ଓ ରକ୍ଷଣାବେକ୍ଷଣ ପାଇଁ ସହର ମଧ୍ୟରେ ଥିବା କରୋନେଶନ ପାର୍କ ଏବଂ ବାଣୀବିହାର ଓ ତାଲୁକା ଛକଠାରେ ଥିବା କଲ୍ୟାଣ ମଣ୍ଡପକୁ ଘରୋଇକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହାଛଡା ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏନ୍ଏସି ଅଫିସ ନିକଟରେ ଥିବା ମାର୍କେଟ କମ୍ପ୍ଲେକ୍ସରେ ଅସହାୟ, ବୃଦ୍ଧାବୃଦ୍ଧ, ଗର୍ଭବତୀ ଓ ସ୍କୁଲ ପିଲାମାନଙ୍କୁ ୨୪x୭ ଘଣ୍ଟା ସେବା ଯୋଗାଇବା ପାଇଁ ଏକ ଗ୍ରାହକ ସେବା କେନ୍ଦ୍ର ଖୋଲିବାକୁ ଶନିବାର ଅନୁଷ୍ଠିତ ଏନ୍ଏସି କାଉନସିଲ ବୈଠକରେ ଆଲୋଚନା କରାଯାଇଛି। ଏନ୍ଏସି ଅଧକ୍ଷା ବିନେତା ସ୍ୱାଇଁଙ୍କ ଅଧକ୍ଷତାରେ ଏନ୍ଏସି ସଭା ଗୃହରେ ଏନ୍ଏସି କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟିକା ମଞ୍ଜୁଳା ସ୍ୱାଇଁ,





ବୈଠକରେ ମଞ୍ଚାସୀନ ଅତିଥି।

**ଏନ୍ଏସି କାଉନ୍‌ସିଲ ବୈଠକ**

ଏମ୍‌ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଏନ୍ଏସି ଉପାଧକ୍ଷା ଜୟନ୍ତୀ ବିଷୋୟୀ ଓ ନିର୍ବାହୀ ଅଧିକାରୀ ଲୋକନାଥ ବେଜ ବୈଠକରେ ମଞ୍ଚାସୀନ ଥିଲେ। ଏହି ଅବସରରେ ଏନ୍ଏସିର ଆୟବ୍ୟୟ ବିବରଣୀ ଉପସ୍ଥାପନ କରାଯିବା ସହ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ, ଖାଦ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା, ପରିମଳ ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସାଙ୍ଗକୁ ବିଭିନ୍ନ ୱାର୍ଡର କାଉନସିଲରଙ୍କ ଦ୍ୱାରା ଦିଆଯାଇଥିବା ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସହରର ବିଭିନ୍ନ ୱାର୍ଡର ଖୋଲାଜାଗାଗୁଡ଼ିକର ସୌନ୍ଦର୍ଯ୍ୟକରଣ, ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଶାଖା ରାସ୍ତା, ପୋଖରୀ ହୁଡାକୁ ଫେବର ରାସ୍ତା ନିର୍ମାଣ, ସହରର ପ୍ରବେଶ ଓ ପ୍ରସ୍ଥାନ ଫାଟକରେ ଆଲୋକୀକରଣ ଓ ସୌନ୍ଦର୍ଯ୍ୟକରଣ, ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ଖାଲି ସ୍ଥାନରେ ଆଦର୍ଶ ଭେଣ୍ଡିଂ ଜୋନ ଏବଂ ଚାରିଚକିଆ ଯାନ ପାଇଁ ପାର୍କିଂ ଜୋନ, ୨୦ ଗ୍ରାହକ ଭୋଜନ କଲାଭଳି ଫୁଡ କୋର୍ଟ ନିର୍ମାଣ, ପରିଷଦର ଆୟ ବୃଦ୍ଧି ପାଇଁ ୨ଟି ପ୍ରମୁଖ ଜାଗାରେ ବିଜ୍ଞାପନ ଡିଜିଟାଲ ବୋର୍ଡ ସ୍ଥାପନ ଏବଂ ୫-ଟି ଅଧୀନରେ ଆସିଥିବା ୩ ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ଲାଗି ଖେଳ କସରତ ଓ ଜିମ ବ୍ୟବସ୍ଥା, ସହରର ମାଛ ମାଂସ ସାମଗ୍ରୀକୁ ଏକାଠି ବିକ୍ରୟ ପାଇଁ ଏକ ସ୍ୱତନ୍ତ୍ର ଆମିଷ ବଜାର ପ୍ରତିଷ୍ଠା ଲାଗି ନିଷ୍ପତ୍ତି ନିଆଯାଇଛି।

## ଗଞ୍ଜେଇ ସହ କାର୍ ଜବତ, ଚାଳକ ଫେରାର

ଆର.ଉଦୟଗିରି,୧୫।୪(ଡି.ଏନ.ଏ.) ମୋହନା ଥାନା କର୍ମଚାରୀ ପାଟ୍ରୋଲିଂ କରିବା ସମୟରେ ଏକ କାରରେ ଦୁଇଟି ବ୍ୟାଗରେ ୫୮କେଜି ୩୦୦ଗ୍ରାମ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ମୋହନା ଥାନା ସିରିସପଦା ରାସ୍ତାରେ ଧରାପଡିଥିଲା। ପୋଲିସ ଗାଡିକୁ ଅଟକାଇବା ସମୟରେ ଗାଡି ଛାଡ଼ି ଚାଳକ ଫେରାର ହୋଇଯାଇଥିଲେ। ମୋହନା ଥାନାଧିକାରୀ ବସନ୍ତ କୁମାର ସେଠୀ ଗାଡ଼ି ଓ ଗଞ୍ଜେଇ ଜବତ କରି ତଦନ୍ତ କରୁଥିବା ଜଣାପଡ଼ିଛି। ଏହି ଘଟଣାରେ ମୋହନା ତହସିଲଦାର ହିମାଂଶୁ ଭୂଷଣ ପଲାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜଣାପଡ଼ିଛି।



ପୋଲିସ ଅଧିକାରୀଙ୍କ ସହ ଜବତ ଗଞ୍ଜେଇ ଓ କାର୍।

# ଜୀବନ ସଂଘର୍ଷରେ ନାରାୟଣ: ପେଟ ବଢ଼ୁଛି, ହାତ ଗୋଡ଼ ଫୁଲୁଛି

ପାରଳାଖେମୁଣ୍ଡି,୧୫।୪(ଡି.ଏନ୍.ଏ.)

ଆଦିବାସୀ ବହୁଳ ଗଜପତି ଜିଲାରେ ଜଣେ ଗରିବ ଆଦିବାସୀ ଛାତ୍ର ବଞ୍ଚିବା ପାଇଁ ଜୀବନ ସହ ସଂଘର୍ଷ କରୁଛନ୍ତି। ଏହା ଦେଖିବାକୁ ମିଳିଛି ମୋହନା ବ୍ଲକ ଅନ୍ତର୍ଗତ ଧାଡିଆମ୍ବ ପଞ୍ଚାୟତ ପଲ୍ଲାବନ୍ଧା ଗ୍ରାମରେ। ପଲ୍ଲାବନ୍ଧା ଗ୍ରାମର ନିରଞ୍ଜନ ଦଳାଇଙ୍କ ୯ ବର୍ଷର ପୁଅ ନାରାୟଣ। ନାରାୟଣ ଧାଡିଆମ୍ବ ସରାକରୀ ପ୍ରାଥମିକ ବିଦ୍ୟାଳର ଦ୍ୱିତୀୟ ଶ୍ରେଣୀର ଛାତ୍ର । ଗତ ୪ ମାସ ହେବ ସେ ଅଜଣା ରୋଗରେ ଆକ୍ରନ୍ତ ହୋଇ ଜୀବନ କାଟୁଛନ୍ତି । ନିରଞ୍ଜନ ଅନ୍ୟର ଜମିରେ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କ ପରିବାର କହିଲେ ସ୍ତ୍ରୀ କୈକେଇଙ୍କ ସହ ଦୁଇ ପୁଅ ଓ ଗୋଟିଏ ଝିଅ। ପଲ୍ଲାବନ୍ଧା ଗ୍ରାମର ଝାଟିମାଟିରେ ତିଆରି ଭଙ୍ଗାଘରେ ଜୀବନ କାଟନ୍ତି ୫ ପାଣୀ କୁଟୁମ୍ବ। ବଡପୁଅ ନାରାୟଣ ଗତ ୪ ମାସ ହେବ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇପଡିଲେ। ମା' ବାପା ଅର୍ଜିଥିବା ଟଙ୍କାକୁ ପୁଅ ନାରାୟଣର ଚିକିତ୍ସାରେ ଖର୍ଚ୍ଚ କରିଦେଲେ । ଏବେ



ପୀଡ଼ିତ ନାରାୟଣ।

ମାତାପିତା କୁଲି ମଜୁରି କରି ସନ୍ତାନମାନଙ୍କ ତୁଣ୍ଡରେ ଆହାର ଦେଇ ପୁଅ ନାରାୟଣର ଚିକିତ୍ସାଭାର ବହନ କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇପାରୁନାହିଁ। ଏଣେ ନାରାୟଣଙ୍କ ରୋଗ ଦିନକୁ ଦିନ ବଢିବାରେ ଲାଗିଛି । ନାରାୟଣଙ୍କ ପେଟ ଅସ୍ୱାଭାବିକ ଭାବେ ବଢିବା ସହ ହାତ ଓ ଗୋଡ ଫୁଲିବାକୁ ଲାଗିଛି । ନାରାୟଣଙ୍କ ପେଟରେ ପାଣି ଜମିବା ସହ ପରିସ୍ରା ଠିକ୍ ଭାବେ ହେଉ ନ ଥିବା ଡାକ୍ତରଙ୍କ ପ୍ରାଥମିକ ଚିକିତ୍ସା ପରେ ଜଣାପଡିଥିବା କହିଛନ୍ତି ନାରାୟଣଙ୍କ ମା' ବାପା। ଯେଉଁ ବୟସରରେ ସାଙ୍ଗସାଥୀଙ୍କ ଗହଣରେ ହସି ଖେଳି ବୁଲିବା କଥା ସେହି ସମୟ ଆଜି ନାରାୟଣଙ୍କ ପାଇଁ ଯନ୍ତ୍ରଣାଦାୟକ ହୋଇଛି। ବିଦ୍ୟାଳୟ ବଦଳରେ ଘର ବିଛଣା ତାଙ୍କ ନିତିଦିନିଆ ଠିକଣା ହୋଇଛି। ପ୍ରତିଦିନ ସେ ଜୀବନ ସହ ସଂଘର୍ଷ କରୁଥିବା ବେଳେ କୋମଳମତି ପୁଅର ଏଭଳି ଶାରୀରିକ ଅବସ୍ଥା ଦେଖି ମା' ବାପାଙ୍କ ଆଖିରୁ ମଧ ଲୁହ ଶୁଖୁନି। ପୁଅ ଆଉ ଚାଲିପାରୁନି କି ଆଖିକୁ ଭଲ ଭାବରେ ଦିଶୁନି । ପୁଅର ଏଭଳି କଷ୍ଟକୁ ଦେଖି ମା'ବାପା ଆଖିରୁ ଲୁହ ଗଡାଇବାଛଡା ଅନ୍ୟ ଉପାୟ ନାହିଁ । ସରକାରୀ ସ୍ତରରୁ ଆର୍ଥିକ ସହାୟତା କିମ୍ବା ଉନ୍ନତମାନର ଚିକିତ୍ସା ମିଳିଲେ ପୁଅ ନିଶ୍ଚିତ ଭାବେ ଭଲହୋଇଯିବ ଓ ପୁଣି ତାଙ୍କ ପରିବାରରେ ସୁଖର ଦିନ ଫେରିଆସିବ ବୋଲି ଆଶା ବାନ୍ଧିଛନ୍ତି ଆଦିବସୀ ଦମ୍ପତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ଚନ୍ଦ୍ରଗିରିଠାରେ ଥିବା ସଉରା ଉନ୍ନୟନ ସଂସ୍ଥା ଆଦିବାସୀମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନରେ ଉନ୍ନତି ଆଣିବା ପାଇଁ ୯ଗୋଟି ଗ୍ରାମପଞ୍ଚାୟତର ୩୨ଖଣ୍ଡ ଗ୍ରାମରେ ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚକରି କାମ କରୁଛନ୍ତି । କିନ୍ତୁ ପଲ୍ଲାବନ୍ଧା ସେହି ୩୨ଖଣ୍ଡ ଗ୍ରାମ ମଧ୍ୟରେ ଆସୁଥିଲେ ମଧ ଜନଜାତିର ଜଣେ ଗରିବ ପିଲା ଦୀର୍ଘ ୪ମାସରୁ ଅଧିକ ସମୟ ହେଲାଣି ଅଜଣା ରୋଗରେ ପୀଡିତ ହେବା ଘଟଣାରେ ସଉରା ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ପଦାଧିକାରୀ ବନମାଳୀ ଭୂୟାଁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ସେ ସୌରା ଜନଜାତିରେ ଆସୁନାହାନ୍ତି, ଖାଲି ଜନଜାତି ହୋଇଥିବା ଯୋଗୁ ଆମ ଦ୍ୱାରା କିଛି ସାହାଯ୍ୟ କରିହେବ ନାହିଁ। ଆଦିବାସୀ ଛାତ୍ରର ଚିକିତ୍ସା ପ୍ରଦାନ ଦିଗରେ ପ୍ରଶାସନ ଓ ସରକାର ପଦକ୍ଷେପ ନେବାକୁ ଲୋକପ୍ରତିନିଧି ନିବେଦନ କରିଛନ୍ତି ।

## ଅସ୍ତ୍ରୋପଚାର ଗୃହରେ ଅଗ୍ନିକାଣ୍ଡ

ଆର.ଉଦୟଗିରି, ୧୫।୪(ଡି.ଏନ.ଏ.): ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଗଜପତି ଜିଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅସ୍ତ୍ରୋପଚାର ଗୃହରେ ଥିବା ଅଟୋକ୍ଲେଭ ମେଶିନ ଓ ଗଜ କପଡ଼ାରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଯାଇଥିଲା। ଏହା ଦେଖି ରାତ୍ରିକାଳୀନ ଦାୟିତ୍ୱରେ ଥିବା ଷ୍ଟାଫ୍‌ନର୍ସ ତପସ୍ୱିନୀ ନାୟକ ଡାକ୍ତର ଶିବରାମ ରାଓଙ୍କୁ ଖବର ଦେଇଥିଲେ। ସେ ସଙ୍ଗେ ସଙ୍ଗେ କେନ୍ଦ୍ରରେ ପହଞ୍ଚି ରୋଗୀଙ୍କୁ ବାହାର କରିବା ସହିତ ଅସ୍ତ୍ରୋପଚାର ଗୃହରେ ପହଞ୍ଚି ଉପସ୍ଥିତ ବୁଦ୍ଧି ଖଟାଇ ଗ୍ୟାସ ସିଲିଣ୍ଡର ବାହାର କରି ନିଆଁ ଲିଭା ଯନ୍ତ୍ରରେ କିଛି ମାତ୍ରାରେ ଆୟତ୍ତ କରିଥିଲେ। ପରେ ମୋହନା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ବୁଗୁଡ଼ାରେ ପାରଦ ୪୨ ଡିଗ୍ରୀ

ବୁଗୁଡ଼ା,୧୫।୪(ଡି.ଏନ.ଏ.)

ବୁଗୁଡ଼ା ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ ଶନିବାର ସହରରେ ପାରଦ ୪୨ ଡିଗ୍ରୀ ଛୁଇଁଥିବା ଜଣାଯାଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ସହରର ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ସନ୍ଧ୍ୟାରେ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏ ଖରାର ପ୍ରଭାବ ରହୁଛି। ଦିନତମାମ ଟାଣ ଖରା ଯୋଗୁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଥିସହ ବିଦ୍ୟୁତର ଲୁଚକାଳି ଖେଳ ଯୋଗୁ ଲୋକେ ଘରେ ଥାଇ ବି ଝାଳରେ ବୁଡିଯାଇ ଛଟପଟ ହେଉଛନ୍ତି। ଏହି ଉହ ଉହ ଖରାରେ ସହରର ବିଭିନ୍ନ ସରକାରୀ ଏବଂ ବେସରକାରୀ ନିର୍ମାଣ କାର୍ଯ୍ୟ ଚାଲୁଥିବା ସାଙ୍ଗକୁ କିଛି ଶ୍ରମିକ ଟ୍ରାକ୍ଟର ଡାଲାରେ ମୁଣ୍ଡକୁ ଘୋଡାଇ ହୋଇଯାଉଥିବା ଏବଂ କିଛି ବ୍ୟବସାୟୀ ରାସ୍ତା କଡ଼ରେ ଜୀବନ ଜୀବିକା ପାଇଁ ଲଢୁଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ଲୋକେ କୌଣସି ଜରୁରୀ କାମରେ ସହରକୁ ଆସିଥିବା ବେଳେ କେଉଁଠାରେ ହେଲେ ବି ମାଗଣାରେ ଥଣ୍ଡା ପାଣି ଟିକେ ମିଳୁ ନଥିବାରୁ ଗରିବ ଲୋକ ହେଲେ ବି ଦୋକାନରୁ ଥଣ୍ଡା ପାଣି କିଣି ଶୋଷ ମେଣ୍ଟାଇବାକୁ ବାଧ ହେଉଛି। ଏଣୁ,ସହରର ବିଭିନ୍ନ ଛକରେ ଜଳଛତ୍ର ଖୋଲିବା ପାଇଁ ପ୍ରଶାସନିକ ପଦକ୍ଷେପ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଇ ଦୁଇ ଦିନ ତଳେ ଜଣେ ବୟସ୍କ ବ୍ୟକ୍ତି ସାଇକେଲରେ ଆସୁଥିବା ବେଳେ ଖରାରେ ମୁଣ୍ଡ ବୁଲାଇବା ଯୋଗୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ପଡିଗଲେ। ପଛପଟୁ ଆସୁଥିବା ଦୁଇ ଜଣ ବାଇକ୍ ଆରୋହୀ ଗାଡି ଅଟକାଇ ଡିକିରୁ ପାଣି ବୋତଲ କାଢି ମୁହଁକୁ ଛାଟିବା ସହ ପିଇବାକୁ ଦେଇଥିଲେ। ଫଳରେ ବୟସ୍କ ଜଣକ ସ୍ୱାଭାବିକ ଅବସ୍ଥାକୁ ଫେରି କିଛି ସମୟ ଗଛ ଛାଇରେ ବସି ପୁଣି ସାଇକେଲ ଚଳାଇ ଗାଁକୁ ଫେରିଥିଲେ। ତେବେ ଏହି ଗ୍ରୀଷ୍ମ ପ୍ରବାହ କାଳରେ ଲୋକେ ସତର୍କତା ଅବଲମ୍ବନ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ମା' ବୁଢ଼ୀ ଠାକୁରାଣୀଙ୍କ ଘଟ ପରିକ୍ରମା ।



ମା'ଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ।



ଛୋଟ ଶିଶୁଙ୍କ କୃଷ୍ଣ ଓ ରାଧା ବେଶ ।

# ସାହି ପରିକ୍ରମା, କଳାକୁଞ୍ଜୀକୁ ନିମନ୍ତ୍ରଣ

**୧୨ ଦିନରେ ବୁଢ଼ୀ ଠାକୁରାଣୀ ଯାତ୍ରା**

**ଏସ୍‌ଏସ୍‌ଭିଟି ପଡ଼ିଆରେ ମିନାବଜାର**

ବ୍ରହ୍ମପୁର ଅଫିସ,୧୫।୪

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢୀ ସାଆନ୍ତାଣୀ ଠାକୁରାଣୀ ଯାତ୍ରା ଶନିବାର ୧୨ ଦିନରେ ପହଞ୍ଚିଛି। ମା'ଙ୍କ ଘଟ ସାହି ପରିକ୍ରମା ସାଙ୍ଗକୁ ପାୱାଲ ସାହି, ଗାଦିବାରୀ ସାହି ଓ କାଞ୍ଜିବାରୀ ସାହିରେ କଳାକୁଞ୍ଜ ନିମନ୍ତ୍ରଣ କରାଯାଇଥିଲା। ଶନିବାର ଥିବାରୁ ଅସ୍ଥାୟୀ ମଣ୍ଡପରେ ଠାକୁରାଣୀଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ସବୁଦିନ ଭଳି ପୂର୍ବାହ୍ନରୁ ଆରମ୍ଭ କରି ଘଟ ପରିକ୍ରମା ପର୍ଯ୍ୟନ୍ତ ବହୁ ମାନସିକ ବେଶଧାରୀ ମା'ଙ୍କ ଦର୍ଶନ କରିଥିଲେ। ବର୍ତ୍ତମାନ ବାଘ ବେଶରେ ବହୁ ମାନସିକଧାରୀ ଅସ୍ଥାୟୀ ମଣ୍ଡପଠାରେ ନାଚ କରିବା ସହ ମା'ଙ୍କ ଦର୍ଶନ କରି ଆଶିଷ ଲାଭ କରୁଛନ୍ତି। ଶନିବାର ରାତ୍ରି ୮ଟା ପରେ ମାଙ୍କ ମୁଖ୍ୟ ଘଟ ସମେତ ୮ଟି ପାର୍ଶ୍ୱ ଘଟ ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରୁ ବାହାରିଥିଲେ। ଏହାପରେ ପରମ୍ପରା ଅନୁଯାୟୀ ମହୁରୀ ରାଜବାଟୀରେ ରାଜା ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଘଟ ବଡ ବଜାର, ବେରେକା ସାହି, ପାୱାଲ ସାହି, ଗାଦିବାରୀ ସାହି, ମଲାଶାନୀପେଟା, କାଞ୍ଜିବାରୀ ସାହି ପରିକ୍ରମା କରିଥିଲେ। ପରେ ଆଦାମଜୀ ଲେନ ଦେଇ ବଡ ବଜାର, ଗୌଡ଼ସାହି, ନଡିଆ ବଜାର ହୋଇ ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ମା' ପହଞ୍ଚିଥିଲେ। ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଆଳତୀ ପରେ ଭୋଗ କରାଯାଇଥିଲା। ଏହାପରେ ବହୁ ଶ୍ରଦ୍ଧାଳୁଙ୍କ ମା'ଙ୍କୁ ଦର୍ଶନ କରିଥିଲେ। ଅନ୍ୟପଟେ ଯାତ୍ରା ୧୨ ଦିନରେ ପହଞ୍ଚିଥିବା ବେଳେ ସ୍ଥାନୀୟ ଏସ୍‌ଏସ୍‌ଭିଟି ପଡିଆରେ ମୀନା ବଜାର ଆରମ୍ଭ ହୋଇଛି। ଠାକୁରାଣୀଙ୍କ ଦର୍ଶନ ପରେ ଛୋଟ ଶିଶୁଠାରୁ ଆରମ୍ଭ କରି ବୟସ୍କ ଯାଏଁ ସଭିଏଁ ମୀନା ବଜାରରେ ପଡିଥିବା ଦୋଳି, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଘର ସାମଗ୍ରୀ କିଣି ଯାତ୍ରା ମଜା ଉଠାଉଛନ୍ତି।



ବାଘ ବେଶରେ ନାଚ।



ଅଲେଖ ବାବା ବେଶଧାରୀ।



ରାଧା ବେଶରେ ଜଣେ ଶିଶୁ।



ଯାତ୍ରାରେ ବିକ୍ରି କରୁଥିବା ଖେଳନା ବ୍ୟବସାୟୀ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

bmpselfie@gmail.com



@ ପ୍ରସନ୍ନ



@ କ୍ରିଷ୍ଣା



@ ଉତ୍ସବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌କେସିଜି ରୋଗୀଙ୍କୁ କମ୍ ଖାଦ୍ୟ ଯୋଗାଣ ଅଭିଯୋଗ

ବ୍ରହ୍ମପୁର ଅଫିସ,୧୫।୪

ଏମକେସିଜି ମେଡିକାଲ ଅନ୍ତଃବିଭାଗ ରୋଗୀଙ୍କୁ କମ୍ ପରିମାଣର ଖାଦ୍ୟ ଯୋଗାଣ ହେଉଥିବା ଅଭିଯୋଗ ହେଉଛି। ଶନିବାର ଏମକେସିଜି ମେଡିସିନ ବିଭାଗ ଆନ୍ତଃବିଭାଗରେ ଚିକିତ୍ସିତ ସମସ୍ତ ରୋଗୀଙ୍କୁ କେବଳ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ରୋଗୀଙ୍କୁ ଖାଦ୍ୟ ଯୋଗାଣ ପାଇଁ ଟେଣ୍ଡର ନେଇଥିବା ସଂସ୍ଥା କର୍ମଚାରୀମାନେ ପ୍ରତ୍ୟେକ ରୋଗୀଙ୍କ ଶଯ୍ୟା ନିକଟକୁ ଯାଇ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ହେଲେ ରୋଗୀଙ୍କୁ ଯେତିକି ପରିମାଣର ଶୁଖିଲା ଖାଦ୍ୟ ଦିଆଯିବା କଥା ତା'ଠାରୁ କମ୍ ପରିମାଣର ଖାଦ୍ୟ ଦିଆଯାଇଥିଲା। ନିୟମ ଅନୁସାରେ ଜଣେ ରୋଗୀଙ୍କୁ ଶୁଖିଲା ଖାଦ୍ୟ ବାବଦକୁ ଅଧା ଲିଟର କ୍ଷୀର, ୨୦୦ ଗ୍ରାମ ବ୍ରେଡ, ଗୋଟିଏ କଦଳୀ, ୨ଟି ଶିଝା ଅଣ୍ଡା, ଗୋଟିଏ ୧୦ ଟଙ୍କିଆ ବିସ୍କୁଟ ଓ ଗୋଟିଏ ୫ ଟଙ୍କିଆ ବିସ୍କୁଟ ଦେବା ପାଇଁ ନିୟମ ରହିଛି। ହେଲେ ଯୋଗାଣ ସଂସ୍ଥାର କର୍ମଚାରୀମାନେ ପ୍ରତ୍ୟେକ ରୋଗୀଙ୍କୁ ଗୋଟିଏ ଅଣ୍ଡା ଓ ଗୋଟିଏ ବିସ୍କୁଟ ପ୍ୟାକେଟ୍ କମ୍ ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଥିଲା। ଏନେଇ ଖାଦ୍ୟ ଦେଉଥିବା ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ପଚରାଯିବାରେ ବାଣ୍ଟିବା ବେଳେ ଖାଦ୍ୟ ସରିଗଲା ଏଣୁ ଦେଇପାରିଲୁ ନାହିଁ ବୋଲି କହିଥିଲେ। ତେବେ ପୂର୍ବରୁ ତାଲିକା ହୋଇ ଖାଦ୍ୟ ଆସୁଥିବା ବେଳେ କିଭଳି ସରିଗଲା ତାକୁ ନେଇ ପ୍ରଶ୍ନ ଉଠିଛି। ଖାଦ୍ୟ ଯୋଗାଉଥିବା ଘରୋଇ ସଂସ୍ଥା ଜାଣିଶୁଣି ରୋଗୀଙ୍କୁ କମ ଖାଦ୍ୟ ଦେଉଥିବା ନେଇ ଅନେକ ରୋଗୀ ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

# ମାସକରେ ୭ ଦୁର୍ଘଟଣା, ୫ ମୃତ

ବ୍ରହ୍ମପୁର ଅଫିସ, ୧୫।୪

**ମରଣଯନ୍ତା ପାଲଟିଛି ବ୍ଲାକ୍‌ସ୍ପଟ୍**

ବ୍ରହ୍ମପୁର ସହର ଓ ସନ୍ନିକଟ ଦେଇ ଯାଇଥିବା ଜାତୀୟ ରାଜପଥ ୧୬ ଏବେ ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବେ ପରିଗଣିତ ହୋଇଛି। ସଡ଼କ ଦୁର୍ଘଟଣା ରୋକିବା ପାଇଁ ଅନେକ ଯୋଜନା ହୋଇଥିଲେ ମଧ୍ୟ ସହରରେ ଥିବା ୭ଟି ବ୍ଲାକସ୍ପଟ୍‌ରେ ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଦେଖିବାକୁ ମିଳୁଛି। ଅସଜଡ଼ା ରାସ୍ତା, ଜାତୀୟ ରାଜପଥରେ ଠିକ୍ ସୂଚନା ରହି ନ ଥିବା ଏବଂ ସ୍ଥିତି ଖରାପ ଯୋଗୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚରେ ସହରରେ ୭ଟି ଦୁର୍ଘଟଣା ଘଟିଛି ସେଥିମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେହିଭଳି ୨ ଜଣ ଗୁରୁତର ଆହତ ହୋଇଥିବା ଟ୍ରାଫିକ ପୋଲିସ ପକ୍ଷରୁ ସୂଚନା ମିଳିଛି। ସଡ଼କ ଦୁର୍ଘଟଣା ରୋକିବା ପାଇଁ ଟ୍ରାଫିକ ଥାନା ପୋଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଲୋକଙ୍କୁ ସଚେତନ ମଧ୍ୟ କରାଯାଉଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ଚାଳକଙ୍କଠାରୁ ଜରିମାନା ମଧ୍ୟ ଆଦାୟ ହେଉଛି। ସହରର ସବୁ ଛକରେ ଗାଡ଼ି ଧୀରେ ଚଲାଇବାକୁ ସିଗ୍‌ନାଲ ଦିଆଯାଉଛି। ଅମାନିଆ ଚାଳକଙ୍କୁ ସାବାଡ଼ କରିବା ପାଇଁ ସେମାନଙ୍କଠାରୁ ଜରିମାନା ଆଦାୟ ହେଉଛି। ତଥାପି ବିଭିନ୍ନ କାରଣରୁ କେତେକ ଜାଗାରେ ଦୁର୍ଘଟଣା ଘଟୁଛି ଏବଂ ଜୀବନ ହାନି ହେଉଛି। ଦୁର୍ଘଟଣା ରୋକିବା ପାଇଁ ଟ୍ରାଫିକ ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ଥାନାଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ କହିଛନ୍ତି।

# ଚେକିଂ ଆଳରେ ଯୁବକଙ୍କୁ ମାଡ଼, ପୋଲିସ ବିରୋଧରେ ମାମଲା

ବ୍ରହ୍ମପୁର ଅଫିସ,୧୫।୪

ସହରରେ ଟ୍ରାଫିକ ସମସ୍ୟା ଦୂର କରିବା ସହ ଅମାନିଆ ଚାଳକଙ୍କୁ ସାବାଡ଼ କରିବା ପାଇଁ ଟ୍ରାଫିକ ପୋଲିସ ବିଭିନ୍ନ ଛକରେ ଚେକିଂ କରୁଛି। ହେଲେ ବେଳେବେଳେ ପୋଲିସ କ୍ଷମତାର ଅପବ୍ୟବହାର ମଧ୍ୟ କରୁଛି। ଜଣେ ବାଇକ ଚାଳକଙ୍କୁ ଚେକିଂ ଆଳରେ ମାଡ ମାରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଅଭିଯୋଗ ପରେ ବୈଦ୍ୟନାଥପୁର ପୋଲିସ ଦୁଇଜଣ କନଷ୍ଟେବଲ ନାମରେ ୧୫୮/୨୩ ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି। ପ୍ରକାଶ ଯେ, ଲାଞ୍ଜିପଲିର ଆର. ତ୍ରିନାଥ ରେଡ୍ଡୀ ଗତ ୧୩ ତାରିଖରେ ଖୋଡାସିଂରୁ କମାପଲି ନିଜ ବାଇକ୍‌ରେ ଫେରୁଥିଲେ। ରାସ୍ତାରେ ଇଞ୍ଜିନିୟରିଂ ସ୍କୁଲ ଛକରେ ଟ୍ରାଫିକ ପୋଲିସ ଯାନବାହନ ଚେକିଂ କରୁଥିଲା। ତ୍ରିନାଥଙ୍କ ଗାଡ଼ିକୁ ଅଟକାଇ ଚେକିଂ ଆଳରେ ତାଙ୍କୁ ସେଠାରେ ମୁତୟନ ଥିବା ଦୁଇ ଜଣ କନଷ୍ଟେବଲ ତାଙ୍କୁ ମାରପିଟ କରିଥିଲେ। ଏପରିକି ସର୍ବସାଧାରଣରେ ତାଙ୍କ ସମ୍ମାନକୁ ଆପେକ୍ଷ କରି କଟୁ ମନ୍ତବ୍ୟ ଦେଇଥିଲେ। ସେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

# କମାପଲ୍ଲୀ ଛକରେ ବିକ୍ଷୋଭ, କୁଶପୁତ୍ତଳିକା ଦାହ

ବ୍ରହ୍ମପୁର ଅଫିସ,୧୫।୪




ବିକ୍ଷୋଭରେ ସାମିଲ ଭାଜପା ଯୁବମୋର୍ଚ୍ଚା ନେତା ଓ କର୍ମୀ।

ଶ୍ରମମନ୍ତ୍ରୀଙ୍କ ଇସ୍ତଫା ନଚେତ୍ ତାଙ୍କୁ ବହିଷ୍କାର ଦାବି ନେଇ ଶନିବାର ବ୍ରହ୍ମପୁରରେ ବିକ୍ଷୋଭ ସହ ଶ୍ରୀକାନ୍ତ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏହି ଆନ୍ଦୋଳନ ହୋଇଥିଲା। ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକଙ୍କ ନେତୃତ୍ୱରେ ବହୁ ସଂଖ୍ୟକ କର୍ମୀ ଓ ଭାଜପା ନେତା କମାପଲ୍ଲୀ ଛକରେ ଏକାଠି ହୋଇଥିଲେ। ଶାସକ ବିଜେଡିର ଜଣେ ନେତ୍ରୀଙ୍କ ପ୍ରତି ମନ୍ତ୍ରୀଙ୍କ ନିର୍ଯ୍ୟାତନା ଘୋର ଲଜ୍ଜାଜନକ ହୋଇଥିବା ଦର୍ଶାଇ ନାରାବାଜି କରିଥିଲେ। ଘଟଣା ପଦାକୁ ଆସିବା ଏବଂ ପୀଡ଼ିତାଙ୍କ ପକ୍ଷରୁ ଥାନାରେ ଏତଲା ଦେବା ପରେ ବି ମୁଖ୍ୟମନ୍ତ୍ରୀ ରଫାଦଫା ଓ ଘୋଡ଼ାଇଦେବାର ପ୍ରୟାସ ଚାଲିଥିବା କଟାକ୍ଷ କରିଥିଲେ।

ବିକ୍ଷୋଭ ସ୍ଥଳରେ ଆୟୋଜିତ ପଥପ୍ରାନ୍ତ ସଭାରେ ଭାଜପା ଓ ଯୁବମୋର୍ଚ୍ଚା ନେତାମାନେ କହିଥିଲେ ସବୁବେଳେ ବିଜେଡି ମା'ଙ୍କୁ ସମ୍ମାନ ଦେଉଥିବା ବଖାଣୁଥିବା ବେଳେ ନିଜ ଦଳର ପୁରୁଖା ନେତ୍ରୀଙ୍କ ପ୍ରତି ହୋଇଥିବା ଏଭଳି ଆଚରଣ ରାଜ୍ୟରେ ମହିଳାମାନେ ସୁରକ୍ଷିତ ନଥିବା ପ୍ରମାଣିତ ହୋଇଛି। ଶ୍ରମ ମନ୍ତ୍ରୀଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ କରାନଗଲେ ଏହାକୁ ପ୍ରସଙ୍ଗ କରି ଯୁବମୋର୍ଚ୍ଚା ଜିଲାବ୍ୟାପୀ ଲଗାତର ଆନ୍ଦୋଳନ ଚଳାଇବ ବୋଲି ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ

**ଶ୍ରମମନ୍ତ୍ରୀଙ୍କ ଇସ୍ତଫା ଦାବି**

ମହିଳା ମୋର୍ଚ୍ଚା ନେତ୍ରୀ ବବିତା ପାତ୍ର, ରତ୍ନଗର୍ଭା ସରସ୍ୱତୀ, ବର୍ଷା ବିଦୁସ୍ମିତା, ବନ୍ଦିତା ତ୍ରିପାଠୀ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଯୁବମୋର୍ଚ୍ଚା ନେତା ତୁତୁନ ପାତ୍ର, ବାପି ପ୍ରଧାନ, ଅନୀଲ ରାଓ, ସୁମିତ ପାତ୍ର, ମହେଶ ତ୍ରିପାଠୀ, ମୋହନ ପାତ୍ର, ଅର୍ଜ୍ଜୁନ ଜେନା, ଆକାଶ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଭାଜପା ନେତା ରାମ କୁମାର ପାତ୍ର, ମନୋଜ ପଟ୍ଟନାୟକ, ଚିନ୍ମୟାନନ୍ଦ ମହରାଜ, ଗଙ୍ଗାଧର ଶତପଥୀ, ପ୍ରଭାତ ଷଡ଼ଙ୍ଗୀ, ସୁନିଲ ସାହୁ, କୃଷ୍ଣଚନ୍ଦ୍ର ଚୌଧୁରୀ, ଜି. ନାରାୟଣ, ଗୋପୀନାଥ ପଣ୍ଡା, ସୁଶାନ୍ତ ପ୍ରଧାନ, ଟୁନା ଜେନା, କାଲୁ ମଣ୍ଡଳ, ଦିଲୀପ ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ମାସିକ ସାହିତ୍ୟ ଆସର, ସ୍ଥାନ–ଏସ୍‌ଏମ୍‌ଆଇଟି ସଭା କକ୍ଷ, ସମୟ–ଅପରାହ୍ଣ ୪ଟା।

## ସଂକ୍ଷେପରେ

### ପୋଲିସ ବ୍ରଦରହୁଡ୍ କପ୍ ଉଦ୍‌ଘାଟିତ

ଫୁଲବାଣୀ ଅଫିସ, ୧୫।୪
ଫୁଲବାଣୀ ପୋଲିସ ରିଜର୍ଭ ପଡିଆରେ ଶନିବାର ପୋଲିସ ବ୍ରଦରହୁଡ କପ୍ ଉଦଘାଟିତ ହୋଇଛି । ପ୍ରଥମ ଦିନରେ ୪ ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବିଏସ୍‌ଏଫ ଏବଂ ଏସ୍‌ଏସ୍‌ବିଏନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବିଏସ୍‌ଏଫ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ କରିଥିଲା । ଜବାବରେ ଏସ୍‌ଏସ୍‌ବିଏନ୍ ଟିମ୍ ୧୧.୩ ଓଭରରେ ୬ ଉଇକେଟ ହରାଇ ୮୧ ରନ ସଂଗ୍ରହ କରି ମ୍ୟାଚ ଜିତିଥିଲା। ଦ୍ୱିତୀୟ ମ୍ୟାଚରେ ଏସ୍‌ଓଜି ଟିମ୍ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ୧୫୦ ରନ କରିଥିଲା । ଜବାବରେ ଜିଲା ଓଡିଶା ପୋଲିସ ଟିମ୍ ୧୩.୪ ଓଭରରେ ସମସ୍ତ ୱିକେଟ ହରାଇ ୮୩ ରନ କରି ମ୍ୟାଚ ହାରିଥିଲା । ସେହିପରି ତୃତୀୟ ମ୍ୟାଚ ସିଆରପିଏଫ ଏବଂ ଆଇଆରବିଏନ୍ ମଧ୍ୟରେ ହୋଇଥିଲା । ସିଆରପିଏଫ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୮୬ ରନ କରିଥିବା ବେଳେ ଆଇଆବିଏନ ଟିମ୍ ମାତ୍ର ୮.୫ ଓଭରରେ ୩ ୱିକେଟ ହରାଇ ୮୭ ରନ କରି ମ୍ୟାଚ ଜିତିଥିଲା । ଅନ୍ତିମ ମ୍ୟାଚ ଡିଭିଏଫ ଏବଂ ହୋମଗାର୍ଡ ଟିମ୍ ମଧ୍ୟରେ ହୋଇଥିଲା । ଡିଭିଏଫ୍ ୧୩.୪ ଓଭରରେ ସମସ୍ତ ୱିକେଟ ହରାଇ ୧୩୧ ରନ କରିଥିଲା। ଜବାବରେ ହୋମଗାର୍ଡ ଟିମ୍ ୧୨.୨ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୪୭ ରନ କରିବାକୁ ସମର୍ଥ ହୋଇଥିଲା । ବିଜୟୀ ଦଳ ଟୁର୍ନାମେଣ୍ଟର ପରବର୍ତ୍ତି ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ଏହି ଟୁର୍ନାମେଣ୍ଟ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

### ଆମ ପୋଲିସ ସମିତି ବୈଠକ

ଶେରଗଡ଼,୧୫।୪(ଡି.ଏନ୍.ଏ.)- ଶେରଗଡ଼ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଥାନା ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମିତିର ସଂଯୋଜକ ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ଦାଶ ବୈଠକ ଆରମ୍ଭରେ ଆମ ପୋଲିସର କାର୍ଯ୍ୟ ଉପରେ କହିଥିଲେ। ଅନ୍ୟତମ ଅତିଥି ଭାବେ ହୃଷୀକେଶ ପାଢ଼ୀ, ପ୍ରସନ୍ନ କୁମାର ପଣ୍ଡା, ବରିଷ୍ଠ ନାଗରିକ ଦିଲୀପ କୁମାର ତ୍ରିପାଠୀ ଓ ମୁଖ୍ୟ ଅତିଥି ଶେରଗଡ଼ ରାଜା ସାହେବ, ପୂର୍ଣ୍ଣଚନ୍ଦ୍ର ସିଂଦେଓ ଯୋଗଦେଇଥିଲେ। ଆଗାମୀ ଦିନରେ ପୋଲିସ ସମିତି ବିଭିନ୍ନ ଜନହିତକର କାର୍ଯ୍ୟ କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଉକ୍ତ ବୈଠକରେ ପୋଲିସ ସମିତିର ବାବୁ ଦାଶ, ଦୁର୍ଗାପ୍ରସାଦ ବିଷୋୟୀ, ବାସୁଦେବ ସ୍ୱାଇଁ, ଗୌରହରି ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମମନ୍ତ୍ରୀଙ୍କ ବହିଷ୍କାର ଦାବି, ଥାନାରେ ଏତଲା


ବୁଗୁଡ଼ାରେ ଭାଜପାର ବିକ୍ଷୋଭ


କୋଦଳା ଭାଜପା ପକ୍ଷରୁ ଥାନାରେ ଏତଲା ଦିଆଯାଉଛି।

ବୁଗୁଡ଼ା/ବେଗୁନିଆପଡ଼ା,୧୫।୪(ଡି.ଏନ୍.ଏ.)
ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ବିଜେଡି ନେତ୍ରୀ ସଂଯୁକ୍ତା ମହଲଙ୍କ ସଙ୍ଗୀନ ଅଭିଯୋଗ କରିଛନ୍ତି। ଏ ନେଇ ଶନିବାର ବୁଗୁଡ଼ାରେ ଭାଜପା ପକ୍ଷରୁ ଶ୍ରମମନ୍ତ୍ରୀଙ୍କ ବହିଷ୍କାର ଦାବି କରି ବିକ୍ଷୋଭ ପ୍ରଦର୍ଶନ ସହ ତାଙ୍କର କୁଶପୁତ୍ତଳିକା ଦାହ ଏବଂ ଥାନାରେ ଏତଲା ଦିଆଯାଇଛି। ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ସ୍ଥାନୀୟ ଭାଜପା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ମନ୍ତ୍ରୀଙ୍କ ବିରୋଧରେ ବିଭିନ୍ନ ନାରା ଦେଇ ହାଇସ୍କୁଲ ଛକଠାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଶ୍ରମମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ବୁଗୁଡ଼ା ଥାନାରେ ଶ୍ରମମନ୍ତ୍ରୀଙ୍କ ବିରୁଦ୍ଧରେ ଏକ ଏତଲା ଦେଇଥିଲେ। ବିକ୍ଷୋଭରେ ଭାଜପା ଉପସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଜିଲା ଯୁବ ମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ଅଯୋଧ୍ୟା ମହାପାତ୍ର, ନିଳାଞ୍ଚଳ ଖିଲାର, ବିନାୟକ ତ୍ରିପାଠୀ, ହରିହର ସାହୁ, ହର ପ୍ରସାଦ ଦାଶ, ପ୍ରକାଶ ମହାରଥାଙ୍କ ସମେତ ଶତାଧିକ କର୍ମୀ ସାମିଲ୍ ଥିଲେ।

ସେହିପରି କୋଦଳା ଭାଜପା ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ତୁରନ୍ତ ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି କରିଛନ୍ତି କୋଦଳା ଭାଜପା ନେତା ତଥା ଏନ୍‌ଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ। ମନ୍ତ୍ରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମନ୍ତ୍ରୀ ତାଙ୍କର ପଦବୀରୁ ଇସ୍ତଫା ଦେବା ପାଇଁ ମଧ୍ୟ ଦାବି ହୋଇଛି। ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ଉପସଭାପତି ଅନୀତା ଶୁଭଦର୍ଶିନୀ, ଖଲ୍ଲିକୋଟ ଭାଜପା ନେତା ଅନୀଲ ପଣ୍ଡା, ଯଜ୍ଞ ନାରାୟଣ ଦାଶ, ମଧୁସୂଦନ ଜେନାଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା କୋଦଳା ଥାନାରେ ପହଞ୍ଚି ଏ ନେଇ ଏକ ଏତଲା ଦେଇଥିବା ସୂଚନା ମିଳିଛି।

# ଆକାଂକ୍ଷା ତରଫରୁ ମହାବିଷୁବ ମିଳନ

ପାରଳାଖେମୁଣ୍ଡି, ୧୫।୪(ଡି.ଏନ୍.ଏ.)
ଗଜପତି ଜିଲାର ଏକମାତ୍ର ଅଗ୍ରଣୀ ମହିଳା ସଙ୍ଗଠନ ତରଫରୁ ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସଭାଗୃହରେ ବିଷୁବ ମିଳନ ବହୁ ଆଡମ୍ବର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଆକାଂକ୍ଷା ମହିଳା ସଙ୍ଗଠନର ସଭାନେତ୍ରୀ ଆଶାଲତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଐତିହାସିକ ଓ ଗବେଷକ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଡ. ଚନ୍ଦ୍ରଶେଖର ସାହୁ, ବିଚିତ୍ରାନନ୍ଦ ବେବର୍ତ୍ତା, ବିନୋଦ ଚନ୍ଦ୍ର ଜେନା ଯୋଗଦେଇ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ବିଷଦ ଆଲୋଚନା ହୋଇଥିଲା । ଏହିକାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ମାନଙ୍କ ଦାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ନିବେଦିତା ପଟ୍ଟନାୟକ ଅତିଥି ମାନଙ୍କୁ ମଞ୍ଚାସୀନ ହେବା ପାଇଁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଅଧ୍ୟାପିକା ଡ. କଲ୍ୟାଣୀ ମିଶ୍ରଙ୍କ କବିତା ସଂକଳନ ମଳିନ ବସନ୍ତ ଲୋକାର୍ପଣ ହୋଇଥିଲା ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କୁ ଅକାଂକ୍ଷା ତରଫରୁ ସାହିତ୍ୟିକା ସରୋଜିନୀ ସାହୁଙ୍କୁ ସିଦ୍ଧାନ୍ତ ତରଫରୁ ସମର୍ଦ୍ଧନା କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଧିବକ୍ତା ଇତିଶ୍ରୀ ମହାପାତ୍ର ଓ ଅଧ୍ୟାପିକା ବରଦା ଆଚାର୍ଯ୍ୟ ପରିଚାଳନା କରିଥିଲେ। ପରବର୍ତ୍ତୀ ସମୟରେ ସଙ୍ଗଠନର ସମ୍ପାଦିକା ମୀନା କୁମାରୀ ଟହଲ, ସର୍ଣ୍ଣପ୍ରଭା ପାଠୀ, ଡ. କଲ୍ୟାଣୀ ମିଶ୍ରଙ୍କ ସଂଯୋଜନାରେ କବିତା ଆସରର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ସାହୁ, ତ୍ରିପତି ପଣ୍ଡା, ମୁରଲୀ ପରିଚ୍ଛା, ବିଷ୍ଣୁ ପଣ୍ଡା,ଅନୁଶ୍ରୀ ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ସହୋଯାଗ କରିଥିଲେ। ଶେଷରେ ସୁନୀତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ନବବର୍ଷ ପାଳନ


ନବବର୍ଷ ପାଳନ ଅବସରରେ ଭାଷା ଆନ୍ଦୋଳନର କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୧୫।୪
ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ଶନିବାର ବିଜିପୁରସ୍ଥିତ ସନ୍ତୋଷୀ ମା' ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଆ ନବ ବର୍ଷ ପାଳନ କରାଯାଇଥିଲା। ଏଥିରେ ସଂଘର ସଭାପତି ତ୍ରିନାଥ ମହାରଣା ସଭାପତିତ୍ୱ କରିଥିଲେ। ସଂଘର ଉପସଭାପତି ପ୍ରଭାତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସମୀର କୁମାର ଆଚାର୍ଯ୍ୟ ଓଡିଆ ଭାଷା ଆନ୍ଦୋଳନର ଅତୀତ ସମ୍ପର୍କରେ କହିଥିଲେ। ଏଥିସହ ଯେଉଁ ବ୍ୟବସାୟୀ, ବିବାହ ଓ ବ୍ରତ ନିମନ୍ତ୍ରଣ ପତ୍ର, ଓଡିଆ ଭାଷାରେ ନାମ ଫଳକ ଲେଖା ନିୟମକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ସଂଘର ସଭାପତି କହିଥିଲେ ଯେ, ଏହି ଭାଷା ଆନ୍ଦୋଳନ ୨୦୦୭ରୁ ଆରମ୍ଭ ହୋଇଛି। ଆଗାମୀ ଦିନରେ ମଧ୍ୟ ଏହି ଆନ୍ଦୋଳନ ଜାରିରହିବ। ଏହି ଅବସରରେ ସଂଘ ପକ୍ଷରୁ ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାସ ମହାରଣା ଓ ପରିବେଶବିତ ପ୍ରମୋଦ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାମରାଜୁ ମହାରଣା, ବୃନ୍ଦାବନ ଖଟେଇ, ଅଶୋକ କୁମାର ଦଳେଇ, ଲିଙ୍ଗରାଜ ମହାପାତ୍ର, ସୀମାଞ୍ଚଳ ପତି ପ୍ରମୁଖ ଉପସ୍ଥିତ ଥିଲେ।

# କର୍କଟ ରୋଗ ସଚେତନତା ନେଇ ମାନବ ଶୃଙ୍ଖଳ

ବ୍ରହ୍ମପୁର ଅଫିସ,୧୫।୪
କର୍କଟ ରୋଗ ସଚେତନତା ଓ ବିଶାଳ ମାନବ ଶୃଙ୍ଖଳ ଶନିବାର ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ବିଇଏମସି ଡେପୁଟି କମିଶନର ବିନୋଦ କୁମାର ବେହେରା, ପରିବେଶବିତ ସୁଧୀର ସାବତ ଯୋଗ ଦେଇଥିଲେ। ଏହି ମାନବ ଶୃଙ୍ଖଳରେ ଆଇଟିଆଇ, କେସି ପବ୍ଲିକ ସ୍କୁଲ ଓ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୮୦୦ ଜଣ ଛାତ୍ରୀଛାତ୍ର ମାନବ ଶୃଙ୍ଖଳ କର୍କଟ ରୋଗ ସଂକେତରେ ଛିଡା ହୋଇଥିଲେ। ପ୍ରତି ମାସରେ ଓଡିଶାର କୋଣ ଅନୁକୋଣରେ କର୍କଟ ରୋଗ ସଚେତନତାର ବାର୍ତ୍ତା ଦେବା, ଏଥିସହ ଯୁବପିଢିଙ୍କୁ ସଚେତନ କରିବାକୁ ଓଡିଶାର ପ୍ରତି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କର୍କଟ ରୋଗ ସଚେତନତା ବାର୍ତ୍ତା ପାଇଁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୟୁଆଇଏସ କ୍ୟାନସର ଫାଉଣ୍ଡେଶନ ଚାରିଟେବୁଲ ଟ୍ରଷ୍ଟର ରାଧାକୃଷ୍ଣ ଦାସ, ଗୋପାଳକୃଷ୍ଣ ଦାସ, ରାଜାରାମ ପା ଢି, କ୍ରାନ୍ତିର ଡ. ଦେବାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ମାନବ ଶୃଙ୍ଖଳ।

# ଲାୟନ୍ସ କ୍ଲବ ପକ୍ଷରୁ ଟୋପି, ବିଞ୍ଚଣା, ପାନୀୟ ଜଳ ବଣ୍ଟନ

କବିସୂର୍ଯ୍ୟନଗର,୧୫।୪ (ଡି.ଏନ.ଏ.)
ପବିତ୍ର ପଣା ସଂକ୍ରାନ୍ତି ଓ ଓଡ଼ିଆ ନବ ବର୍ଷ ଅବସରରେ କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ସଭାପତି ଇ. ମାହେଶ୍ୱରୀ ଦୋରାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଟୋପି, ବିଞ୍ଚଣା ଓ ପାନୀୟ ଜଳ ବଣ୍ଟନ କରାଯାଇଛି। ମେରୁରେ ପ୍ରବଳ ଜନସମାଗମ ସାଙ୍ଗକୁ ରୌଦ୍ର ତାପରୁ ରକ୍ଷା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନେଇଥିବା ସଭାପତି ଦୋରା କହିଛନ୍ତି। ବଣ୍ଟନରେ ସହଯୋଗ କରିଥିଲେ ଲାୟନ ଜୋନ ଚେୟାର ପରସନ ଦିଲ୍ଲୀପ କୁମାର ଖଣ୍ଡୁଆଳ, ସୁକୁମାର ମାଝୀ, ଶ୍ୱେତ ଦୋରା, ଡା. ଭାଗିରଥି ଶତପଥୀ, ସୁପ୍ରଭା ଶତପଥୀ, ଡା. ଅକ୍ଷୟ ମିଶ୍ର ଓ ଯୁବ ସମାଜସେବୀ ବିଶ୍ୱଜିତ ମହାପାତ୍ର।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ବିଷୁବ ସମ୍ମାନ

ଗଞ୍ଜାମ,୧୫।୪(ଡି.ଏନ.ଏ.)
ଗଞ୍ଜାମର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଯୁବନେତା, ସାମାଜିକ କର୍ମୀ ପ୍ରଶାନ୍ତ ନାୟକଙ୍କୁ ନବୀନ ବିଷୁବ ସମ୍ମାନରେ ସମ୍ମାନିତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ବ୍ରହ୍ମପୁରଠାରେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ୨୫ତମ ବିଷୁବ ମିଳନ ଓ ରଜତ ଜୟନ୍ତୀ ସମାରୋହ ପରିପ୍ରେକ୍ଷୀରେ ସାମାଜିକ କର୍ମୀ ଓ ସଙ୍ଗିତଜ୍ଞ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ସମ୍ମାନିତ କରିଥିଲେ। ଏହି ସମାରୋହରେ ଅନୁଷ୍ଠାନର ସଭାପତି ତଥା ଖବରଦାତା ରବି ରଥଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସମ୍ମାନିତ ହୋଇଥିବା ନାୟକ ପୂର୍ବରୁ ସରପଞ୍ଚ, ସମିତିସଭ୍ୟ, ଗଞ୍ଜାମ ମହାବିଦ୍ୟାଳୟର ଛାତ୍ରସଂସଦ ସଭାପତି ଥିବା ବେଳେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଅଛନ୍ତି। ତତ୍‌ସହିତ ନିଜସ୍ୱ ମଡେର୍ଣ୍ଣ ଅର୍କେଷ୍ଟ୍ରା ରହିଛି।


ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ବିଷୁବ ସମ୍ମାନ ପ୍ରଦାନ କରାଯାଉଛି।

# ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

ଭଞ୍ଜନଗର,୧୫।୪(ଡି.ଏନ୍.ଏ.)
ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଏଫ୍‌ଏଲ୍‌ଏନ୍ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ ଏବଂ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ସ୍ଥାନୀୟ ସିଟି ଟ୍ରେନିଂ ସ୍କୁଲର ପ୍ରଶିକ୍ଷକ ସୁରେଶ୍ୱର ଶାହା, ପ୍ରଶିକ୍ଷିକା ନିବେଦିତା ପଟ୍ଟନାୟକ ଯୋଗ ଦେଇଥିଲେ। ବ୍ଲକର ଦେଢ଼ଶହରୁ ଊର୍ଦ୍ଧ୍ୱ ବିଦ୍ୟାଳୟରୁ ଭାଷା ଜ୍ଞାନ ତଥା ସଂଖ୍ୟା ଜ୍ଞାନ ଉପରେ ଆଧାରିତ ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ନିମିତ୍ତ ଉପଯୋଗୀ ଶିକ୍ଷଣ ସାମଗ୍ରୀମାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଅପରାହ୍ଣରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଇଓ ଏସ୍ ଧନଞ୍ଜୟ ସଭାପତିତ୍ୱ କରିଥିଲେ। ଏବିଇଓ ନେତାଜୀ ବିଷୋୟୀ, ସୂର୍ଯ୍ୟ ନାୟକ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଦୀପ କୁମାର ସାସମଲ ସଂଯୋଜନା କରିଥିଲେ। ଡୁମାକୁମ୍ପା ସିଆର୍‌ସିସି ତ୍ରିନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ୧୨୪୨ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ



ଖଲ୍ଲିକୋଟ,୧୫।୪(ଡି.ଏନ.ଏ.)
ଖଲ୍ଲିକୋଟରେ ଶନିବାର ୧୨୪୨ ଜଣ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ପଟ୍ଟା ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ଠାରେ ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଡିଓ ବିକ୍ରମ ଦୋରା, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଏନ୍‌ଏସି ଅଧ୍ୟକ୍ଷ ଇଂ ନିରଞ୍ଜନ ବେହେରା, ଅତିରିକ୍ତ ତହସିଲଦାର ନବକିଶୋର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ୧୩ ଆରଆଇ ସର୍କଲର ବିଭିନ୍ନ ଗ୍ରାମରୁ ଆସିଥିବା ହିତାଧିକାରୀଙ୍କୁ ଏହି ଗ୍ରାମକଣ୍ଠ ପଟା ବଣ୍ଟନ କରାଯାଇଥିଲା। ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଭିନ୍ୟୁ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ, ଡେପୁଟି ଆରଆଇ ରମେଶ ଚନ୍ଦ୍ର ଜେନା, କେଶପୁର ଆଇଆଇଏମ୍ ସୁଦାମ, ଖଲ୍ଲିକୋଟ ଆରଆଇ ମିନ କେତନ ଶବର, ଉଦୟ ନାଥ ଯାଦବ, ତହସିଲର ହେଡ କ୍ଲର୍କ ଲକ୍ଷଣ ବେହେରା, ରେକର୍ଡ କିପର ଗୋପବନ୍ଧୁ ସାହୁ, ଗୋଦାବରୀ ପ୍ରଧାନଙ୍କ ସମେତ ତହସିଲ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ। ଜନସାଧାରଣଙ୍କୁ ସୁବିଧାରେ ପଟ୍ଟା ଯୋଗାଇବା ପାଇଁ ଏପରି ପ୍ରୟାସ ଜାରି ରହିବ ବୋଲି ତହସିଲଦାର ପ୍ରକାଶ କରିଥିଲେ।

# ଉତ୍ପାଦିତ ଦ୍ରବ୍ୟର ବଜାରୀକରଣକୁ ଗୁରୁତ୍ୱ

ରାମଗିରି,୧୫।୪(ଡି.ଏନ.ଏ.)
ଆର.ଉଦୟଗିରି ବ୍ଲକର ରାମଗିରିଠାରେ ମା' କୁରେଇଶୁଣୀ ପ୍ରଡ୍ୟୁସର କମ୍ପାନୀର ବାର୍ଷିକ ସାଧାରଣ ବୈଠକ କମ୍ପାନୀର ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ସଙ୍ଗଠନର ଜଳବିଭାଜିକା ପ୍ରକଳ୍ପର ପ୍ରେମାନନ୍ଦ ବେହେରା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଜଣାଇଥିଲେ। ପ୍ରସନ୍ନ କୁମାର ଦଳାଇ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ନାବାର୍ଡ ସହାୟତାରେ ୨୦୧୬ରେ ସୁରକ୍ଷା ଅନୁଷ୍ଠାନର ସହଯୋଗରେ ଗଠିତ ଓ ଭାରତ ସରକାରଙ୍କ କମ୍ପାନୀ ଅଧିନିୟମରେ ମା କୁରେଇଶୁଣୀ ପ୍ରଡୁସର କମ୍ପାନୀ ପଞ୍ଜିକୃତ ହୋଇଥିଲା। ବର୍ତ୍ତମାନ ଏହି କମ୍ପାନୀ ଓଡିଶା ମିଲେଟ ମିଶନ ଓ ସମନ୍ୱିତ ଚାଷ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଂସ୍ଥା ଭାବେ ଗଜପତି ଜିଲା ଆର.ଉଦୟଗିରି ବ୍ଲକରେ କାର୍ଯ୍ୟ କରୁଛି। ତତସହିତ ଗତ ତିନି ବର୍ଷ ହେଲା ମଣ୍ଡିରେ ମାଣ୍ଡିଆ କ୍ରୟ କରାଯାଉଛି। ଗତ ବର୍ଷ କମ୍ପାନୀ ମୋଟ ୭୭ ଲକ୍ଷ ଟଙ୍କାର ବ୍ୟବସାୟ କରି ୩ ଲକ୍ଷ ଟଙ୍କା ଲାଭ କରିଥିଲା। ବର୍ତ୍ତମାନ କମ୍ପାନୀର ୩୦୦ ଲୋକ ଅଂଶୀଦାର ଅଛନ୍ତି। ଏହାକୁ ବୃଦ୍ଧି କରିବାର ଆବଶ୍ୟକ ରହିଥିବା କଥା କହି ଉତ୍ପାଦିତ ଦ୍ରବ୍ୟର ବଜାରୀ କରଣ ଉପରେ ଗୁରୁତ୍ୱ ଦେଇଥିଲେ। ନାବାର୍ଡର ଜିଲା ବିକାଶ ଅଧିକାରୀ ପ୍ରତୀକ ପଣ୍ଡା କମ୍ପାନୀର ମେମ୍ବରସିପ ସହ ସେୟାର କ୍ୟାପିଟାଲ ବୃଦ୍ଧିକରିବା ଓ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନାରେ କମ୍ପାନୀର ମେମ୍ବରମାନେ କିଭଳି ଅଧିକ ଲାଭ ପାଇପାରିବେ ସେହିଭଳି ବିଜିନେସ ଡେଭେଲପମେଣ୍ଟ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ସଂଗ୍ରାମ କେଶରୀ ପରମଗୁରୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଓଡିଶା କୃଷି ଶିଳ୍ପ ନିଗମର ଉପଦେଷ୍ଟା ପେରସ କୁମାର ପରିଚ୍ଛା କାର୍ଯ୍ୟକ୍ରମ ବିଷୟରେ ଉଦବୋଧନ ଦେଇଥିଲେ। ବ୍ଲକ ସଂଯୋଜକ ଘନଶ୍ୟାମ ଜେନା, ସନ୍ତୋଷ କୁମାର ରାଉଳ ପ୍ରମୁଖ ଯୋଗଦେଇଥିଲେ।


କମ୍ପାନୀର ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ ଅତିଥି।

